# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 28 September – 2025

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ହେବ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୬ତମ ସଂସ୍କରଣ। ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ।

## ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ

ଭୁବନେଶ୍ୱର ଲୋକସେବା ସମ୍ମିଳନୀ କକ୍ଷରେ ଗତକାଲିଠାରୁ ଦୁଇଦିନିଆ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ଆରମ୍ଭ ହୋଇଛି । ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି ମଧ୍ୟସ୍ଥତା ହେଉଛି ଏକ ଉତ୍କୃଷ୍ଟ ପରମ୍ପରା ଯାହା ଆଲୋଚନା ଏବଂ ସହମତି ମାଧ୍ୟମରେ ଦୂରତ୍ୱ ହ୍ରାସ ସହ ସୁ-ସମ୍ପର୍କକୁ ସୁନିଶ୍ଚିତ ତଥା ନ୍ୟାୟୋଚିତ ଉପାୟରେ ଦୀର୍ଘସ୍ଥାୟୀ ସମାଧାନର ପଥ ଉନ୍ମୁକ୍ତ କରିଥାଏ । ପ୍ରଧାନ ବିଚାରପତି ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇ କାର୍ଯ୍ୟକ୍ରମରେ

ଯୋଗଦେଇ ମଧ୍ୟସ୍ଥତା ଆଇନ୍ ୨୦୨୩ ଉପରେ ଆଲୋକପାତ କରିଛନ୍ତି । ଉଦ୍‌ଘାଟନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ମଧ୍ୟସ୍ଥତାକୁ ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଏକ ମୂଳ ଆଧାର ଭାବେ ଗଢ଼ି ତୋଳିବାରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ ।

**V/O**

ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ୍ ଏବଂ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଯୋଗ ଦେଇଥିଲେ ।

# ଉପନିର୍ବାଚନ

ନୂଆପଡା ବିଧାନସଭା ଉପନିର୍ବାଚନ ପରିପ୍ରେକ୍ଷୀରେ ଜିଲ୍ଲାପାଳ ମଧୁସୂଦନ ଦାସ ଇଭିଏମ୍ ରହୁଥିବା ଷ୍ଟ୍ରଙ୍ଗରୁମ୍ ସ୍ଥିତି ସମୀକ୍ଷା କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଉପନିର୍ବାଚନ ନେଇ ପ୍ରସ୍ତୁତି ଜାରି ରହିଛି । ଆଇନ୍‌ଶୃଙ୍ଖଳା ପରିସ୍ଥିତି, ଇଭିଏମ୍‌ର କାର୍ଯ୍ୟକାରୀତା, ନିର୍ବାଚନ ପରେ ଷ୍ଟ୍ରଙ୍ଗରୁମ୍ ସୁରକ୍ଷା ଏବଂ ଭୋଟ୍ ଗଣତି ନେଇ ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଛନ୍ତି ।

# ମା' ଦୁର୍ଗାଙ୍କ ଷଷ୍ଠୀ ପୂଜା

ନବରାତ୍ରି ପାଳନ ଅବସରରେ ଆଜି ରାଜ୍ୟର ଶକ୍ତିପୀଠ ଗୁଡ଼ିକରେ ସପ୍ତମୀ ପୂଜା ଅନୁଷ୍ଠିତ ହେଉଛି । ତେବେ ପୂଜାମଣ୍ଡପ ଗୁଡ଼ିକରେ ମୃଣ୍ମୟୀ ପ୍ରତିମାଙ୍କ ଠାରେ ଆଜି ଷଷ୍ଠୀ ପୂଜା ଚାଲିଛି । ଏଥିପାଇଁ ପୂଜାକମିଟି ଗୁଡ଼ିକ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ଚଳିତବର୍ଷ କଟକ ସହରରେ

୧୭୪ରୁ ଊର୍ଦ୍ଧ୍ୱ ମଣ୍ଡପରେ ଦେବୀ ଦୁର୍ଗା ଏବଂ ହରପାର୍ବତୀଙ୍କର ମୃଣ୍ମୟୀ ପ୍ରତିମା ପୂଜା ପାଉଛନ୍ତି ।

ସମ୍ଭାବ୍ୟ ଭିଡ଼କୁ ଦୃଷ୍ଟିରେ ରଖି ଆଜିଠାରୁ ଅକ୍ଟୋବର ୨ ଦଶହରା ପର୍ଯ୍ୟନ୍ତ କଟକ ସହରରେ ଟ୍ରାଫିକ କଟକଣା ଲାଗୁ କରାଯାଉଛି । ଅପରାହ୍ଣ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ।

# ମନ୍ଦିର ଉନ୍ନତିକରଣ

ବଲାଙ୍ଗିର ଜିଲ୍ଲା ରାଣୀପୁର ଝରିଆଲସ୍ଥିତ ତନ୍ତ୍ରପୀଠ ୬୪ଯୋଗୀନି ମନ୍ଦିର ଏବଂ ଏହାର ପାରିପାର୍ଶ୍ୱିକ ଉନ୍ନତୀକରଣ ପାଇଁ ପଦକ୍ଷେପ ଗ୍ରହଣ ନିଆଯାଇଛି । ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ପ୍ରକଳ୍ପର ବିସ୍ତୃତ ବିବରଣୀ ପ୍ରସ୍ତୁତ କରାଯାଇଛି । ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଏବଂ ଜାତୀୟ ସ୍ମାରକ ପ୍ରାଧିକରଣର ଅନୁମତି ମିଳିବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ଇରମ-ସହିଦ ଦିବସ

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ରକ୍ତତୀର୍ଥ ଇରମଠାରେ ୮୩ତମ ସହିଦ ଦିବସ ଆଜି ପାଳନ କରାଯାଉଛି । ରାମଧୂନ୍, ପ୍ରଭାତଫେରି, ତିଳତର୍ପଣ ସହ ଜାତୀୟପତାକା ଉତ୍ତୋଳନ କରାଯାଇ ପୋଲିସ ପକ୍ଷରୁ ତୋପସଲାମୀ ପ୍ରଦାନ କରାଯିବ । ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ୧୯୪୨ ମସିହା ଭାରତଛାଡ ଆନ୍ଦୋଳନ ସମୟରେ ଇରମଠାରେ ଆୟୋଜିତ ପ୍ରତିବାଦ

ସଭାରେ ପୋଲିସ ଗୁଳିରେ ଜଣେ ମହିଳାଙ୍କ ସମେତ ୨୯ଜଣ ସଂଗ୍ରାମୀ ସହିଦ ହୋଇଥିଲେ ।

## ଜଳାତଙ୍କ ଦିବସ

ଜଳାତଙ୍କ ରୋଗର ପ୍ରଭାବ ଓ ଏହାର ନିରାକରଣ ସଂପର୍କରେ ଜନସଚେତନତା ସୃଷ୍ଟି କରିବା ନେଇ ଆଜି ବିଶ୍ୱ ଜଳାତଙ୍କ ଦିବସ ପାଳନ କରାଯାଉଛି । ଜଳାତଙ୍କ ଏକ ଭୂତାଣୁ ଜନିତ ରୋଗ । ଜଳାତଙ୍କ ପ୍ରତିଷେଧ ଟିକା ଉଦ୍ଭାବନ କରିଥିବା ବୈଜ୍ଞାନିକ ଲୁଇ ପାଶ୍ଚରଙ୍କର ସ୍ମୃତିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆଜିର ଦିନକୁ ସ୍ମରଣୀୟ କରିବା ପାଇଁ ଏହି ଦିବସ ପାଳନ କରାଯାଉଛି । କୁକୁର, ବିଲେଇ, ନେଉଳ ତଥା ବନ୍ୟ ବିଲୁଆ ଏବଂ ଅନ୍ୟ ପ୍ରାଣୀମାନେ ଜଳାତଙ୍କ ରୋଗର ବାହକ ହୋଇଥାନ୍ତି । ରୋଗାକ୍ରାନ୍ତ ପ୍ରାଣୀ ଜଣେ ସୁସ୍ଥ ବ୍ୟକ୍ତିଙ୍କୁ କାମୁଡ଼ିଲେ କିମ୍ବା ସୁସ୍ଥ ବ୍ୟକ୍ତିଜଣଙ୍କ ରୋଗାକ୍ରାନ୍ତ ପ୍ରାଣୀର ଲାଳ ସଂସ୍ପର୍ଶରେ ଆସିଲେ ଜଳାତଙ୍କ ଭୂତାଣୁ ସୁସ୍ଥ ପ୍ରାଣୀର ଶରୀରରେ ପ୍ରବେଶ କରିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନା ଅନୁସାରେ ପୃଥିବୀରେ ବାର୍ଷିକ ୫୫ ହଜାର ଲୋକ ଜଳାତଙ୍କ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥାନ୍ତି । ଭାରତରେ ଜଳାତଙ୍କ ରୋଗର ୯୫ ପ୍ରତିଶତ କୁକୁର କାମୁଡ଼ିବା ଦ୍ୱାରା ହୋଇଥାଏ ।

## ପାଣିପାଗ

ଉତ୍ତର-ପଶ୍ଚିମ ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ପାଣିପାଗ ବିଭାଗ

ଅନୁସାରେ ଆଜିଠାରୁ ବର୍ଷାର ପରିମାଣ କମିବ । ମୌସୁମୀର ପ୍ରଭାବରେ ରାଜ୍ୟର ମଧ୍ୟ ଉପକୂଳ ଅଞ୍ଚଳ ଗୁଡ଼ିକରେ ମଙ୍ଗଳବାର ପର୍ଯ୍ୟନ୍ତ କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଲାଗିରହିବ । ଅନ୍ୟପକ୍ଷରେ ଆସନ୍ତା ବୁଧବାର ୧ ତାରିଖ ଦିନ ବଙ୍ଗୋପସାଗରରେ ଆଉଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ଭୀଷଣ ବର୍ଷା ହେବାର ଅନୁମାନ କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତ ୨୪ଘଣ୍ଟା ମଧ୍ୟରେ ରାଜ୍ୟର ୪୯ଟି ବ୍ଲକରେ ୫୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି । କାଲିମେଲା ବ୍ଲକରେ ସର୍ବାଧିକ ୧୨୧ ମିଲିମିଟର ବର୍ଷା ହୋଇଛି । ହୀରାକୁଦ ଜଳଭଣ୍ଡାରରେ ସକାଳ ୬ଟା ସୁଦ୍ଧା ଜଳସ୍ତର ୬୨୮ ଦଶମିକ ୪/୭ ଫୁଟ ରହିଛି । ୬ଟି ଗେଟ୍ ଦେଇ ମହାନଦୀ ଓ କେନାଲଗୁଡ଼ିକୁ ଜଳ ନିଷ୍କାସନ କରାଯାଉଛି ।